ସମାଜ
The Samaja
ପ୍ରତିଷ୍ଠାତା - ଉତ୍କଳମଣି ଗୋପବନ୍ଧୁ ଦାସ

28.11.2021

# ଆଇଆଇଟିରେ ସମ୍ବିଧାନ ଦିବସ

ଜଟଣୀ,୨୭।୧୧(ନି.ପ୍ର): ଜଟଣୀ ଅରଗୁଳସ୍ଥିତ ଭୁବନେଶ୍ୱର ଆଇଆଇଟି ପରିସରରେ ଭାରତୀୟ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ଆର.ଭି.ରାଜକୁମାରଙ୍କ ଏଥିରେ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ସମ୍ବିଧାନ ପ୍ରଣେତା ଡ଼.ଭୀମରାଓ ଆମ୍ବେଦକରଙ୍କ ଫଟୋଚିତ୍ରରେ ଆଇଆଇଟି ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା। ସଂସଦର କେନ୍ଦ୍ରୀୟ ହଲ୍‌ରେ ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ସମ୍ବିଧାନ ଦିବସ କାର୍ଯ୍ୟକ୍ରମରେ ଆଇଆଇଟିର ଛାତ୍ରଛାତ୍ରୀ ସିଧାସଳଖ ଅଂଶଗ୍ରହଣ କରିଥିଲେ।